## ସଂକ୍ଷେପରେ

### କାର୍-ବାଇକ୍ ମୁହାଁମୁହିଁ, ୨ ଗୁରୁତର

ଖଲ୍ଲିକୋଟ,୧୩।୧୨(ଡି.ଏନ୍.ଏ.): ଖଲ୍ଲିକୋଟ ଥାନା ସମ୍ମୁଖ ରାସ୍ତାରେ ଗୁରୁବାର ଏକ କାର୍ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଖଲ୍ଲିକୋଟ ଦଳିତ ସାହିର ସୁକୁଟା ନାୟକ ଓ ଟିଙ୍ଗି ନାୟକ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ପ୍ରଥମେ ଖଲ୍ଲିକଟ ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଗାଡି ୨ଟିକୁ ପୋଲିସ ଜବତ କରିଛି।

### ଆତ୍ମସୁରକ୍ଷା ତାଲିମ ଶିବିର



ଭଞ୍ଜନଗର,୧୩।୧୨(ଡି.ଏନ.ଏ.): କ୍ଷତ୍ରିୟବରପୁର କଲେଜରେ ଗୁରୁବାରଠାରୁ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ୧୨ଦିନ ଧରି ଚାଲିବାକୁ ଥିବା ଏହି ଶିବିରକୁ କଲେଜ ଅଧକ୍ଷ ଅମୂଲ୍ୟ ଦାସ ଉଦ୍‌ଘାଟନ କରି ଏହାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ମହିଳା ପ୍ରକୋଷ୍ଠ ସଂଯୋଜିକା ରୁନିବାଳା ତ୍ରିପାଠୀ, ସ୍ୱରୂପା ରାଣୀ ବିଶ୍ୱାଳ ଯୋଗ ଦେଇଥିଲେ। ଅଧାପକ ବି.ଗୋବିନ୍ଦ ରାଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଶିକ୍ଷିକା ବର୍ଷାରାଣୀ ସ୍ୱାଇଁ, ଅର୍ଚ୍ଚନା ବିଶ୍ୱାଳ ଓ ସୁରଭି ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ।

### ପିଠା ପାଇଁ ଆଲୋଚନା ବୈଠକ




ହିଞ୍ଜିଳିକାଟୁ,୧୩।୧୨(ଡି.ଏନ୍.ଏ.): ସରକାରଙ୍କ ବିଭିନ୍ନ ଯୋଜନା ଲୋକଙ୍କୁ ସଚେତନ କରିବା, ଏଥିରେ ସ୍ୱଚ୍ଛତା ଆଣିବା ପାଇଁ ସରକାର ଆରମ୍ଭ କରିଛନ୍ତି ପିଠା ଯୋଜନା। ହିଞ୍ଜିଳିକାଟୁରେ ଏହାର ସଫଳ କାର୍ଯ୍ୟକାରୀ ପାଇଁ ଗୁରୁବାର ବ୍ଲକ ସଭାଗୃହରେ ଆଲୋଚନା ବୈଠକ ହୋଇଥିଲା। ବିଡିଓ ପ୍ରସନ୍ନ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ଅଧକ୍ଷ ଏନ. ରଘୁନାଥ ମୁଖ୍ୟ ଅତିଥି, ତହସିଲଦାର ଗୋପୀନାଥ କଅାଁର, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ଏବିଡ଼ିଓ ଧରଣୀଧର ଭୂୟାଁ, ସାଉଥକୋ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟ ନାରାୟଣ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଚଳିତ ମାସ ଠାରୁ ପ୍ରତି ମାସର ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ବ୍ଲକର ୨୧ ପଞ୍ଚାୟତରେ ପିଠା କ୍ୟାମ୍ପ ହେବ। କ୍ୟାମ୍ପରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧୀୟ ଲିଫଲେଟ ବଣ୍ଟାଯିବ। ମିଶନ ଶକ୍ତି, ମଧୁବାବୁ ପେନସନ ଯୋଜନା, କଳାକାର ପେନସନ, ନିର୍ମାଣ ଶ୍ରମିକ ଓ ଦିବ୍ୟାଙ୍ଗଙ୍କୁ ସହାୟତା ଉପକରଣ, ବିଜୁ ପକ୍କାଘର କାର୍ଯ୍ୟାଦେଶ ସମ୍ପର୍କରେ ଆଲୋଚନା ହେବ। ପ୍ରତି ମାସର ଶ୍ରେଷ୍ଠ ପଞ୍ଚାୟତକୁ ପ୍ରୋତ୍ସାହନ ରାଶି ୫ଲକ୍ଷ ଟଙ୍କା ପ୍ରଦାନ କରାଯିବ। ବୈଠକରେ ସହକାରୀ ଯନ୍ତ୍ରୀ ହେମନ୍ତ କୁମାର ହୋତା, ସହକାରୀ କୃଷି ଅଧିକାରୀ ପ୍ରଶାନ୍ତ କୁମାର ନାଥ, ଗୋଷ୍ଠୀ ଶିକ୍ଷାଧିକାରୀ ଉମା ଚରଣ ତ୍ରିପାଠୀଙ୍କ ସହ ବହୁ ସରପଞ୍ଚ, ସମିତିସଭ୍ୟ ଓ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

## ■ ଘାଟି ଉପରେ ଥିବା ୭ ପଞ୍ଚାୟତ ପାଇଁ ବାଲି ସଙ୍କଟ

# ବାଲି ଟ୍ରାକ୍ଟର ଜବତ ବେଳେ ତହସିଲଦାରଙ୍କୁ ଘେରାଉ

ଶଙ୍କରାଖୋଲ,୧୩।୧୨(ଡି.ଏନ୍.ଏ.)

ଚକାପାଦ ତହସିଲର ଘାଟି ଉପରେ ଥିବା ୭ ପଞ୍ଚାୟତରେ ବାଲି ସଙ୍କଟ ଦେଖା ଦେଇଛି। ଫଳରେ ବହୁ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ତହସିଲଦାରଙ୍କ ମନମୁଖି କାର୍ଯ୍ୟ ବିରୋଧରେ ବୁଧବାର ଅସନ୍ତୋଷ ଟ୍ରାକ୍ଟର ମାଲିକମାନେ ଫୁଲବାଣୀ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ପ୍ରକାଶ ଯେ, ଉକ୍ତ ୭ଟି ପଞ୍ଚାୟତରେ ଉନ୍ନୟନମୂଳକ କାମ ପାଇଁ ବାଡୁଗୁଡା ଓ ନେଡିଗୁଡା ଠାରେ ସାଲୁଙ୍କୀ ନଦୀରୁ ବାଲି ଉଠାଣ ପାଇଁ ୨୦୧୫-୧୬ରେ ୫ ବର୍ଷ ପାଇଁ ପ୍ରଦୀପ କୁମାର କହଁର ଟେଣ୍ଡର ନେଇଥିଲେ। ଗୋଟିଏ ବର୍ଷ ବାଲି ଉଠାଇବା ପରେ ଗ୍ରାମବାସୀଙ୍କ ବିରୋଧ ଯୋଗୁ ଉଠାଣ ବନ୍ଦ ହୋଇଯାଇଥିଲା। ବାଲି ଅଭାବରୁ ଉନ୍ନୟନମୂଳକ କାମ ଠପ୍ ହୋଇଯାଇଥିଲା। ବାଲି ଟେଣ୍ଡର ନେଇଥିବା ପ୍ରଦୀପ କହଁର ପୂର୍ବତନ ତହସିଲଦାର ତନ୍ମୟ ପାତ୍ର ଓ ବର୍ତ୍ତମାନର ତହସିଲଦାର ଶ୍ରୀନିବାସ ବେହେରାଙ୍କୁ ଅବଗତ କରାଇଥିଲେ। ମାତ୍ର ସୁଫଳ ମିଳିଲା ନାହିଁ। ଫଳରେ ଟ୍ରାକ୍ଟର ମାଲିକ ମାନେ ଟେଣ୍ଡର ହୋଇ ନ ଥିବା ବାରେଡିସାହି ବାଲି ଘାଟରୁ ବାଲି ଉଠାଇଥିଲେ। ମାତ୍ର ତହସିଲଦାର ବେହେରା ବାରମ୍ବାର ଚଡାଉ କରି ଜରିମାନା ଆଦାୟ କଲେ। ୧୧ ତାରିଖରେ ତହସିଲଦାର



ତହସିଲଦାରଙ୍କ ଗାଡି ଅଟକାଯାଇଛି।

**ଅତିରିକ୍ତ ଜିଲାପାଳଙ୍କୁ ଫେରାଦ ହେଲେ ଟ୍ରାକ୍ଟର ମାଲିକ**

୨ଟି ଟ୍ରାକ୍ଟର ଜବତ କରିଥିବାବେଳେ ଟ୍ରାକ୍ଟର ମାଲିକ ସୁବଳ ରଣା, ପ୍ରଭାତ ଦାସ, ଗୋପାଳ ଅମାତ, ଅନିରୁଦ୍ଧ ପୃଷ୍ଟି, ଗୋବିନ୍ଦ ଅମାତ୍ୟ, ସରପଞ୍ଚ ଚିତ୍ର କହଁର, ସମିତିସଭ୍ୟ ବିଷ୍ଣୁ ଚରଣ ଦିଗାଳ ଓ ଗ୍ରାମବାସୀ ପ୍ରମୁଖ ପହଞ୍ଚି ଏହାକୁ ବିରୋଧ କରିଥିଲେ। ତହସିଲଦାରଙ୍କୁ ବାଡୁଗୁଡା ଓ ନେଡିଗୁଡାସ୍ଥିତ ସାଲୁଙ୍କି ନଦୀ ଘାଟରୁ ବାଲି ଉଠାଇବା ବ୍ୟବସ୍ଥା କାହିଁକି କରୁନାହଁ ବୋଲି ପ୍ରଶ୍ନ କରିଥିଲେ। ଜବତ ୨ ଟ୍ରାକ୍ଟରର ଚାବି ଦେବାକୁ କହି ତାଙ୍କ ଗାଡିକୁ ଅଟକାଇଥିଲେ। ପ୍ରାୟ ୩ ଘଣ୍ଟା ଧରି ତହସିଲଦାର ଅଟକି ରହିଥିଲେ। ଶେଷରେ ତହସିଲଦାର ସମସ୍ୟାର ସମାଧାନ କରିବା ସହ ଜରିମାନା ଆଦାୟ ହେବନାହିଁ କହି ଟ୍ରାକ୍ଟର ଛାଡିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

## ■ କନ୍ଧମାଳରେ ଭାଜପା ସ୍ଥିତି ବିଗୁଡୁଛି

# ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦଳ ଛାଡ଼ିଲେ




ଦଳ ଛାଡିଥିବା ବେହେରାଙ୍କ ସହ ଅନ୍ୟମାନେ।

ଫୁଲବାଣୀ ଅଫିସ, ୧୩।୧୨

କନ୍ଧମାଳ ଜିଲାରେ ଦିନକୁ ଦିନ ଭାଜପା ସ୍ଥିତି ବିଗିଡିବାରେ ଲାଗିଛି। କନ୍ଧମାଳ ଜିଲାର ଭାଜପା ରାଜ୍ୟ କାରିଣୀ ସଦସ୍ୟ ସତ୍ୟ ନାରାୟଣ ବେହେରା ବୁଧବାର ତାଙ୍କ ସମର୍ଥକଙ୍କ ସହ ଦଳ ଛାଡିଛନ୍ତି। ସେ କହିଛନ୍ତି, ଦଳରେ ଆଉ ନୀତି ବୋଲି କିଛି ନାହିଁ। ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ନିଷ୍ପତ୍ତିକୁ ଆମେ ସମର୍ଥନ କରି ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛୁ। ଏ ସଂକ୍ରାନ୍ତରେ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ନିକଟକୁ ଇସ୍ତଫା ପତ୍ର ପଠାଇ ଦେଇଛି। ସୂଚନା ଯୋଗ୍ୟ, ବେହେରା ଜଣେ ଭଲ ସଂଗଠକ ଭାବେ ପରିଚିତ। ଗତ ଲୋକସଭା ଉପ ନିର୍ବାଚନ ସମୟରେ ତତ୍କାଳୀନ ରାଷ୍ଟ୍ରବାଦୀ କଂଗ୍ରେସର ଜିଲା ସଭାପତି ଥିବା ବେହେରାଙ୍କୁ ବରିଷ୍ଠ ନେତା ବିଜୟ ମାହାପାତ୍ର ଭାଜପାରେ ସାମିଲ କରାଇଥିଲେ। ପରବର୍ତ୍ତୀ ସମୟରେ ସେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରହିବା ସହ ଦଳର ସାଙ୍ଗଠନିକ କାର୍ଯ୍ୟରେ ସକ୍ରିୟ ଭୂମିକା ନିଭାଉଥିଲେ। ବେହେରାଙ୍କ ସହ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କୁମାର ମହାନ୍ତି, ନଗର ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ, ନୀଳକଣ୍ଠ ନାୟକ, ହୃଷିକେଶ ବେହେରା, ନାମରତ୍ନ ଭୋଇ, ସୁବାସ ଚନ୍ଦ୍ର ପ୍ରଧାନ, ଭାସ୍କର କହଁର, ତ୍ରିନାଥ ବେହେରା, ବିନୋଦ ପ୍ରଧାନ, ଅନ୍ତର୍ଯ୍ୟାମୀ ଭୋଇ ପ୍ରମୁଖ ଦଳ ଛାଡିଛନ୍ତି।

# ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟକ

ଆସିକା,୧୩।୧୨(ଡି.ଏନ୍.ଏ.)

ଆସିକା ଏନଏସିର ପାକଳାପଲ୍ଲୀ ଓ ତାଲୁକା ରୋଡ ଠାରେ ସହରାଞ୍ଚଳ ଜଳଯୋଗାଣ ନିମନ୍ତେ ୨ ପ୍ରକଳ୍ପ ଆସିକା ବିଧାୟକ ଦେବରାଜ ମହାନ୍ତିଙ୍କ ଦ୍ୱାରା ଗୁରୁବାର ଉଦଘାଟିତ ହୋଇଛି। ଜଳଯୋଗାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ରମେଶ ଚନ୍ଦ୍ର ପଣ୍ଡା, କନିଷ୍ଠ ଯନ୍ତ୍ରୀ ଅଜୟ କୁମାର ରାମେୟା, ପାକଳାପଲ୍ଲୀ ଗ୍ରାମ୍ୟ କମିଟି ସଭାପତି ରାମଚନ୍ଦ୍ର ପରିଡା, ପୂର୍ବତନ କାଉନସିଲର ରବୀନ୍ଦ୍ରନାଥ ପୋଲାଇ, ସନ୍ତୋଷ କୁମାର ପୋଲାଇ, ସୀମାଞ୍ଚଳ ପରିଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ୧୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପାକଳାପଲ୍ଲୀ ଜଳଯୋଗାଣ ପ୍ରକଳ୍ପରୁ ଉକ୍ତ ଗ୍ରାମର ୧୮୦ ପରିବାରଙ୍କୁ ଜଳଯୋଗାଣ କରାଯିବ। ସେହିଭଳି ୩୦ ଲକ୍ଷ ଟଙ୍କା ବ୍ୟୟରେ ତାଲୁକା ରୋଡରେ ନିର୍ମିତ ପ୍ରକଳ୍ପରୁ ତାଲୁକା ରୋଡ, ଗାନ୍ଧୀ ନଗର, ସୁନାମ୍ଭ ସାହି ଆଦି ଅଞ୍ଚଳରେ ଜଳଯୋଗାଣ ବ୍ୟବସ୍ଥା ହେବ ବୋଲି ଯନ୍ତ୍ରୀ ପଣ୍ଡା ସୂଚନା ଦେଇଛନ୍ତି।

# ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ କୃଷକ ସମ୍ମିଳନୀ

ପୁରୁଷୋତ୍ତମପୁର,୧୩।୧୨ (ଡି.ଏନ୍.ଏ.)

ପୁରୁଷୋତ୍ତମପୁର ବ୍ଲକ ଅରଖପୁର ପଞ୍ଚାୟତ ଅରଖପୁର ଗ୍ରାମରେ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଏକ କୃଷକ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହାସଭାର ସଂଯୋଜକ ସୀତାରାମ ପାଣିଗ୍ରାହୀ ପୌରହିତ୍ୟ କରିଥିବାବେଳେ ସମ୍ପାଦକ ସୀମାଞ୍ଚଳ ନାହାକ, ସନ୍ତୋଷ ପଣ୍ଡା, କୈଳାଶ ପ୍ରଧାନ, ସନ୍ତୋଷ ପାଳ ପ୍ରମୁଖ ଯୋଗ ଦେଇଥିଲେ। ଚାଷୀମାନେ ଅମଳ ଧାନ ଖଳାରେ ପଡି ରହିଥିବାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତୁରନ୍ତ ମଣ୍ଡି ଖୋଲି ଧାନ କିଣିବାକୁ ଦାବି କରିଥିଲେ। ଆସନ୍ତା ୧୫ ତାରିଖ ସୁଦ୍ଧା ମଣ୍ଡି ଖୋଲା ନ ଗଲେ ଚାଷୀ ଅମଳ ଧାନକୁ ବ୍ଲକ କାର୍ଯ୍ୟାଳୟରେ ଗଦା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଅବସରରେ ମହାସଭାର କର୍ମକର୍ତ୍ତା ଓ ଅତିଥିମାନେ ସରକାରଙ୍କ ମଣ୍ଡି ମାଧ୍ୟମରେ ଧାନ କିଣିବାର ନୀତିନିୟମ ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରାଇଥିଲେ।

## ■ ବିଜେଡି ନେତାଙ୍କୁ ଅପହରଣ ମାମଲା

# ୨ ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୧୩।୧୨(ଡି.ଏନ.ଏ.)

ଦିଗପହଣ୍ଡି ପୋଲିସ କେ.ନୂଆଗାଁ ଥାନା ବମକେଇ ଗ୍ରାମର ବସନ୍ତ କୁମାର ବାଡ଼ତ୍ୟା ଏବଂ ଟିକିନା ଓରଫ ସୁଧୀର କୁମାର ସାହୁଙ୍କୁ ଗୁରୁବାର ରାତି ପ୍ରାୟ ୮ଟାରେ କୋର୍ଟଚାଲାଣ କରିଛି। ଉଭୟ ଅଭିଯୁକ୍ତ ବମକେଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଜେଡି ନେତା ଭଗବାନ ବାଡତ୍ୟାଙ୍କୁ ଅପହରଣ ମାମଲାରେ ସାମିଲ ଥିଲେ। ଗତ ସୋମବାର ଅପରାହ୍ନ ପ୍ରାୟ ୨ଟାରେ ଭଗବାନ ବାଇକରେ ବମକେଇ ଗାଁରୁ ଦିଗପହଣ୍ଡି ଆସୁଥିବା ବେଳେ ପଦ୍ମନାଭପୁର ଗାଁ ଶନି ମନ୍ଦିର ସମ୍ମୁଖ ରାସ୍ତାରୁ ୪ ଜଣ ଅଭିଯୁକ୍ତ ତାଙ୍କୁ ମାଉଜର ଦେଖାଇ ଅପହରଣ କରି ନେଇଥିଲେ। ତାଙ୍କୁ ଦିଗପହଣ୍ଡି ଚାଙ୍ଗୁଡ଼ିଦେଇ ଜଙ୍ଗଲ ଭିତରକୁ ନେଇ ନିଘୁକ ମାଡ଼ ମାରିବା ସହ ୧୫ ଶହ ଟଙ୍କା ଛଡ଼େଇ ନେଇଥିଲେ। ଭଗବାନଙ୍କ ମୋବାଇଲ ଫୋନକୁ କେ.ନୂଆଗାଁ ଥାନା ଆଇଆଇସି ସୁଜିତ କୁମାର ନାୟକଙ୍କ ଫୋନ କଲ ଆସିବାରୁ ଅଭିଯୁକ୍ତମାନେ ତାଙ୍କୁ ଜଙ୍ଗଲରେ ଛାଡ଼ିଦେଇ ଫେରାର ହୋଇଯାଇଥିଲେ। ପୂର୍ବ ରାଜନୈତିକ ଶତ୍ରୁତାରୁ ତାଙ୍କୁ ଅପହରଣ କରାଯାଇଥିବା ପୋଲିସର ପ୍ରାରମ୍ଭିକ ତଦନ୍ତରୁ ସୂଚନା ମିଳିଥିବା ପୋଲିସ କହିଛି। ଥାନା ମାମଲା ନଂ ୨୨୦/୧୮ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟ ଦୁଇ ଅଭିଯୁକ୍ତ ଫେରାର ଥିବା ଆଇଆଇସି ଦେବାଶିଷ ମହାନ୍ତି କହିଛନ୍ତି।



ଗିରଫ ଅଭିଯୁକ୍ତ ଦ୍ୱୟ ।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଆସିକା,୧୩।୧୨(ଡି.ଏନ୍.ଏ.)

ଆସିକା କଲେଜଛକସ୍ଥିତ ଟେକ୍ନିକାଲ ହାଇସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଗୁରୁବାର ଉଦଯାପିତ ହୋଇଛି । ପ୍ରଧାନଶିକ୍ଷକ ଲୋକନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ଖାରିଆ ସରପଞ୍ଚ ଅରବିନ୍ଦ ଲେଙ୍କା ମୁଖ୍ୟ ଅତିଥି ରୂପେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ବିଭିନ୍ନ କ୍ରୀଡାରେ କୃତିତ୍ୱ ଲାଗି ପପୁ ନାହାକ, ପପିନା ପ୍ରଧାନ, ଦୀପାଳି ବେହେରା, ଚିନ୍ମୟୀ ନାହାକ, ନାରାୟଣ ପ୍ରଧାନ, ପିୟୁସ ନାୟକ, ବର୍ଷାରାଣୀ ନାହାକ, ପୂଜା ଗୌଡ ପ୍ରମୁଖ ପୁରସ୍କୃତ ହୋଇଥିଲେ । କ୍ରୀଡା ଶିକ୍ଷକ କୈଳାସ ଚନ୍ଦ୍ର ଗୌଡ, ରଚିତା ନାୟକ, ଜାନକୀ ରାଉତ ପ୍ରମୁଖ କ୍ରୀଡା ପ୍ରତିଯୋଗିତା ପରିଚାଳନା କରିଥିଲେ ।

# ରାଜ୍ୟ ବିଦ୍ୟାଳୟସ୍ତରୀୟ ଭଲିବଲ ଚାମ୍ପିୟନଶିପ୍ ଆରମ୍ଭ

ଫୁଲବାଣୀ ଅଫିସ, ୧୩।୧୨

କନ୍ଧମାଳ ଜିଲା ଫୁଲବାଣୀ କରୋନେସନ ପଡିଆରେ ଗୁରୁବାରରୁ ରାଜ୍ୟ ବିଦ୍ୟାଳୟସ୍ତରୀୟ ଭଲିବଲ ଚାମ୍ପିୟନଶିପ ଆରମ୍ଭ ହୋଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟଗୀତ ପରିବେଷଣ କରାଯାଇଥିଲା। କେତେକ ଜିଲାର ପ୍ରତିଯୋଗୀମାନେ ନିର୍ଦ୍ଧାରିତ ସମୟରେ ପହଞ୍ଚି ନ ପାରିବାରୁ କାର୍ଯ୍ୟକ୍ରମରେ ବିଳମ୍ବ ହୋଇଥିଲା। ପାଗ ମେଘୁଆ ଥିବାରୁ ଅପରାହ୍ନ ୨ଟା ବେଳକୁ ପଡିଆର ଥିବା ସମସ୍ତ ପ୍ରତିଯୋଗୀଙ୍କୁ ସେମାନଙ୍କ ରହିବା ସ୍ଥଳକୁ ପଠା ଯାଇଥିଲା। ଏହି ଖେଳକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ଶିକ୍ଷା ବିଭାଗ ଏହି ଖେଳର ଆୟୋଜକ ରହିଛି। ଏ ନେଇ ଜିଲା ଶିକ୍ଷାଧିକାରୀ ବିକାଶ ଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ଯେଉଁ ଜିଲାରେ ଟିମ୍ ରହିଛି ସେମାନେ ଆସିବେ, ଆମେ ସମସ୍ତଙ୍କୁ ଜଣାଇଛୁ। ୨୮ଟି ଜିଲାର ଟିମ୍ ଏଥିରେ ଭାଗ ନେଇଛନ୍ତି। ବିଭାଗୀୟ ଶିକ୍ଷା ନିର୍ଦ୍ଦେଶାଳୟ ଭୁବନେଶ୍ୱର ଏହାର ଆୟୋଜନ କରିଛି । ଆମେ ସବୁ ପ୍ରକାର ସହଯୋଗ କରୁଛୁ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଏହି ପ୍ରତିଯୋଗିତାରେ ବିଦ୍ୟାଳୟସ୍ତରର ୧୭ ବର୍ଷରୁ କମ୍ ବାଳିକା ଓ ବାଳକ ଏବଂ ୧୪ ବର୍ଷରୁ କମ୍ ବାଳକମାନଙ୍କ ମଧ୍ୟରେ ପ୍ରତିଯୋଗିତା ହେଉଛି, ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ।



ପିଲାମାନେ ନୃତ୍ୟ ପରିବେଷଣ କରିଛନ୍ତି।

DADLS-219

ରାଜ୍ୟସ୍ତରୀୟ
ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ
ଜୟନ୍ତୀ ସମାରୋହ
୧୪ ଡ଼ିସେମ୍ବର, ୨୦୧୮



ସମୟ – ସକାଳ ଘ.୮ .୩୦ମି.
ଜୟଦେବ ବିହାର ଛକସ୍ଥିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ।

ସାଧାରଣ ସଭା
ସମୟ – ସନ୍ଧ୍ୟା ୬ ଘଟିକା
ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ଶଶି ଭୂଷଣ ବେହେରା, ମାନ୍ୟବର ଅର୍ଥ ଓ ଅବକାରୀ ମନ୍ତ୍ରୀ
ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର, ମାନ୍ୟବର ବିଧାୟକ
– ଶ୍ରୀଯୁକ୍ତ ପ୍ରଭାତ କୁମାର ତ୍ରିପାଠୀ, ମାନ୍ୟବର ବିଧାୟକ ତଥା ସ୍ମୃତି ସଂସଦର ସଭାପତି
ମୁଖ୍ୟ ବକ୍ତା – ପ୍ରାଧାପକ ଡକ୍ଟର ମଣୀନ୍ଦ୍ର କୁମାର ମେହେର, ବିଶିଷ୍ଟ ସ୍ତମ୍ଭକାର ଓ ପ୍ରାବନ୍ଧିକ
ଧନ୍ୟବାଦ ଅର୍ପଣ – ଡ଼ାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ, ସ୍ମୃତି ସଂସଦର ସମ୍ପାଦକ

ମୁଖ୍ୟ ଅତିଥିଙ୍କ ଦ୍ୱାରା ବକ୍ତୃତା ଓ ପ୍ରବନ୍ଧ ପ୍ରତିଯାଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ।

ଭଜନ ଏକାମ୍ର ଜ୍ୟୋତି ଅନୁଷ୍ଠାନର ସଙ୍ଗୀତ ନିର୍ଦ୍ଦେଶକ ଦୀନବନ୍ଧୁ ମଲିଆ, ବିଶିଷ୍ଟ ଗାୟିକା ସୋହିନୀ ମିଶ୍ର, ସଙ୍ଗୀତ ନିର୍ଦ୍ଦେଶକ ଅଭୟ ମଲିଆ, ମଳୟ ରଞ୍ଜନ ମହନ୍ତ, ନିର୍ମଳା ସୁବୁଦ୍ଧି, ଶକୁନ୍ତଳା ବିଶ୍ୱାଳ, ଅଜୟ, ଶିଶୁ ପ୍ରତିଭା ଶ୍ରୀବାଲି ଦାସ ଓ ରିତୁପର୍ଣ୍ଣା ନନ୍ଦଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉପରୋକ୍ତ କାର୍ଯ୍ୟକ୍ରମଗୁଡ଼ିକରେ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0494/1819

## ସଂକ୍ଷେପରେ

### ଆଇନଜୀବୀଙ୍କ ବିୟୋଗରେ କୋର୍ଟରେ କାର୍ଯ୍ୟବନ୍ଦ

**ବ୍ରହ୍ମପୁର ଅଫିସ୍,୧୩।୧୨:** ବ୍ରହ୍ମପୁର ରାମନଗର ଅଞ୍ଚଳର ଆଇନଜୀବୀ ପ୍ରବୀଣ ପାଢୀ(୫୨)ଙ୍କ ବିୟୋଗରେ ଜିଲାଜଜ୍ କୋର୍ଟ ସମେତ ନିମ୍ନ ଅଦାଲତ ଗୁଡିକରେ ଗୁରୁବାର ଆଇନଜୀବୀମାନେ କାର୍ଯ୍ୟବନ୍ଦ କରିଥିଲେ। ଜିଲା ଆଇନଜୀବୀ ସଂଘ ସମ୍ମିଳନୀ କକ୍ଷରେ ଉପସଭାପତି ରବୀନ୍ଦ୍ର ଦେଓଙ୍କ ଆବାହକତ୍ୱରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ୱର୍ଗତ ପାଢୀଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନଟ୍ ନୀରବ ପ୍ରାର୍ଥନା କରିବା ସହିତ କାର୍ଯ୍ୟବନ୍ଦ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାସ, ସହସମ୍ପାଦକ ବାପୁଜୀ ପଟ୍ଟନାୟକ, ନିର୍ମଳ କୁମାର ସାହୁ, କରୁଣାକର ପାଣିଗ୍ରାହୀ, ଦେବାଶିଷ ଷଡଙ୍ଗୀ, ଶତ୍ରୁଘ୍ନ ପାତ୍ର ଓ ଜଗନ୍ନାଥ ମିଶ୍ର ପ୍ରମୁଖଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

### ଓଡ଼ିଶା ଭଲିବଲ୍ ଦଳରେ ଗଞ୍ଜାମର ୩

**ବ୍ରହ୍ମପୁର ଅଫିସ,୧୩।୧୨:** ଆସନ୍ତା ୧୯ରୁ ୨୫ତାରିଖ ପର୍ଯ୍ୟନ୍ତ ଚଣ୍ଡିଗଡ଼ରେ ୪୫ତମ ଜୁନିୟର୍ ଜାତୀୟ ଭଲିବଲ୍ ଚାମ୍ପିୟନ୍‌ଶିପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଭାଗ ନେଉଥିବା ଓଡ଼ିଶା ଦଳରେ ଗଞ୍ଜାମର ୩ ଖେଳାଳି ରହିଛନ୍ତି। ସେମାନେ ହେଲେ ରାଜୁ ପଟ୍ଟନାୟକ, ଅମିତ କୁମାର ଏବଂ ଦୀନବନ୍ଧୁ ନାହାକ। ଖେଳାଳିମାନେ ସମ୍ପ୍ରତି କିଟ୍‌ରେ ଚାଲିଥିବା ପ୍ରଶିକ୍ଷଣ ଶିବିରରେ ସାମିଲ୍ ହୋଇଛନ୍ତି। ଖେଳାଳିଙ୍କୁ ଗଞ୍ଜାମ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ, ସମ୍ପାଦକ ତାରିଣୀ ଶତପଥୀ, ସନ୍ତୋଷ ସାହୁ, ବସନ୍ତ ପାଣିଗ୍ରାହୀ, ନିମାଇଁ ବେହେରା ଓ ଦୁର୍ଗା ପଟ୍ଟନାୟକଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଇଛନ୍ତି।

### ଗୋଲଡେନ୍ ଲ୍ୟାଣ୍ଡ୍ ଆର୍‌ଏମଙ୍କ ଘରକୁ ଟେକାମାଡ଼ ମାମଲା
### କୋର୍ଟରେ ଆତ୍ମସମର୍ପଣ କଲେ ଅଭିଯୁକ୍ତ

**ବ୍ରହ୍ମପୁର ଅଫିସ୍,୧୩।୧୨:** ବ୍ରହ୍ମପୁର ମୟୂରୀବିହାର ଚିଟ୍‌ଫଣ୍ଡ୍ ସଂସ୍ଥା ଜିଏଲପି (ଗୋଲଡେନ୍ ଲ୍ୟାଣ୍ଡ୍ ପ୍ରମୋଟର୍ସ) ଲି଼ର ବ୍ରହ୍ମପୁରରେ ଥିବା ଆର୍‌ଏମ୍ (ରେଜିଓନାଲ୍ ମ୍ୟାନେଜର୍ କମ୍ ଓଡିଶା ଷ୍ଟେଟ୍ ଡାଇରେକ୍ଟର) ରମେଶ ପାତ୍ରଙ୍କ ଘର ଉପରକୁ ଟେକା ପଥର ମାଡ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ସଦାନନ୍ଦ ଦୋରା ଗୁରୁବାର କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ଏସଡିଜେଏମ ଆଲୋକାମୟୀ ପ୍ରଧାନ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିବା ଆଇନଜୀବୀ ମହେଶ ଜେନା ସୂଚନା ଦେଇଛନ୍ତି। ପ୍ରକାଶଯେ, ନଭେମ୍ବର ୨୭ ତାରିଖ ପୂର୍ବାହ୍ନରେ ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଜମାକାରୀ ଓ ଏଜେଣ୍ଟ ରମେଶଙ୍କ ଘର ସାମ୍‌ନାରେ ଧାରଣା ଦେଇଥିଲେ। ଜମାକାରୀଙ୍କୁ ସେମାନଙ୍କର ମୂଳ ଜମା ଅର୍ଥ ଫେରସ୍ତ ଦାବି ନେଇ ହୋହଲ୍ଲା କରିଥିଲେ। ପରେ ୬ଜଣ ଏଜେଣ୍ଟ ଘର ମଧ୍ୟକୁ ଯାଇ ରମେଶଙ୍କ ସହ ଆଲୋଚନା କରୁଥିବା ସମୟରେ ଘର ବାହାରେ ଥିବା ଉତ୍ତ୍ୟକ୍ତ ଜମାକାରୀଙ୍କ ମଧ୍ୟରୁ କେହି ଘର ଉପରକୁ ପଥର ମାରିଥିଲେ। ଏ ସମ୍ପର୍କରେ ରମେଶ ବଡବଜାର ଥାନାରେ ଗୋକର୍ଣ୍ଣପୁର ଗ୍ରାମର ଏଜେଣ୍ଟ ସଦାନନ୍ଦ ଦୋରାଙ୍କ ବିରୋଧରେ ଏତଲା ଦେଇଥିଲେ। ପୋଲିସ ନଂ. ୧୯୬/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## ■ ବ୍ରହ୍ମପୁରରେ ଚିଟ୍‌ଫଣ୍ଡ କୋର୍ଟର ପ୍ରଥମ ରାୟ
# ପ୍ରମାଣ ଅଭାବରୁ ଇନ୍‌ସ୍ୟୁରାନ୍ସ ଏଜେଣ୍ଟ ଖଲାସ

**ବ୍ରହ୍ମପୁର ଅଫିସ୍,୧୩।୧୨**

ବ୍ରହ୍ମପୁରରେ ଥିବା ଚିଟ୍‌ଫଣ୍ଡ କୋର୍ଟର ପ୍ରଥମ ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ପ୍ଲୋଭେର୍ ଜେନେରାଲ୍ ଇନ୍‌ସ୍ୟୁରାନ୍ସ କମ୍ପାନୀ ଏଜେଣ୍ଟ ଲାବଣ୍ୟ ଶବରଙ୍କୁ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିବାକୁ ଚିଟ୍‌ଫଣ୍ଡ କୋର୍ଟ ଜଜ୍ ଦୀପ୍ତିରଞ୍ଜନ କାନୁନ୍‌ଗୋ ଚୂଡାନ୍ତ ରାୟ ପ୍ରକାଶ କରିଥିବା ଆଇନଜୀବୀ ସୁଦର୍ଶନ ପଣ୍ଡା ସୂଚନା ଦେଇଛନ୍ତି। ୨୦୧୪ରେ ଗଜପତି ଜିଲା ଗାରାବନ୍ଧ ପୋଲିସ ଅଭିଯୁକ୍ତ ଲାବଣ୍ୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ସେ ଜାମିନରେ ଆସିଥିବା ବେଳେ ଗୁରୁବାର ମାମଲାର ଚୂଡାନ୍ତ ରାୟ ପ୍ରକାଶ ପାଇଛି।

ପ୍ରକାଶଯେ, ଗଜପତି ଜିଲା ରାୟଗଡ ଥାନା କଦମତଳା ଗ୍ରାମର ମୁରେଙ୍ଗୀ ସାଡି ଭୂୟାଁଙ୍କୁ ଅଭିଯୁକ୍ତ ଲାବଣ୍ୟ ପ୍ଲୋଭେର୍ ଜେନେରାଲ୍ ଇନ୍‌ସ୍ୟୁରାନ୍ସ କମ୍ପାନୀରେ ଏକ ଆର୍‌ଡି (ରେକରିଂ ଡିପୋଜିଟ୍)କରିବାକୁ କହିଥିଲେ। ମାସକୁ ୬ ଶହ ଟଙ୍କା ଲେଖାଏ ୭ ବର୍ଷ ବାନ୍ଧିବା ପରେ ଅଧିକ ସୁଧରେ ମ୍ୟାଚୁରିଟି ଅର୍ଥ ପାଇବେ ବୋଲି ପ୍ରବର୍ତ୍ତାଇ ଥିଲେ। ମୁରେଙ୍ଗୀ ମାସିକ ୬ ଶହ ଟଙ୍କା ଲେଖାଏ ୭ ବର୍ଷ ବାନ୍ଧିବା ପରେ ମ୍ୟାଚୁରିଟି ଅର୍ଥ ମାଗିବା ବେଳେ ଲାବଣ୍ୟ ଧରାଛୁଆଁ ଦେଇ ନ ଥିଲେ। ପରବର୍ତ୍ତୀ ସମୟରେ ମୁରେଙ୍ଗୀ ତାଙ୍କ ପୁଅ ଦାମୋଦରଙ୍କ ସହିତ ଲାବଣ୍ୟଙ୍କ ଘରକୁ ଯାଇ ଅର୍ଥ ମାଗିବା ସମୟରେ ସେ ଦେବାକୁ ମନା କରିଦେଇଥିଲେ। ଫଳରେ ମୁରେଙ୍ଗୀ ପାରଳାଖେମୁଣ୍ଡି ଏସ୍‌ଡିଜେଏମଙ୍କ କୋର୍ଟରେ ଏକ ୱାନ୍‌ସିସି ଦାଖଲ କରିଥିଲେ। କେସ ନଂ. ୫୮/୧୪ ପ୍ରକାରେ ମାମଲା ରୁଜୁ ହୋଇଥିଲା। ପରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗାରାବନ୍ଧ ପୋଲିସ ନଂ. ୬୯/୧୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସୂଚନାଯୋଗ୍ୟ, ବ୍ରହ୍ମପୁର ଜିଲା କୋର୍ଟ ପରିସରରେ ୨୦୧୫ ସେପ୍ଟେମ୍ବର ୨୮ରେ ଚିଟ୍‌ଫଣ୍ଡ କୋର୍ଟ ସ୍ଥାପିତ ହୋଇଥିବା ବେଳେ ଗୁରୁବାର ଏହି କୋର୍ଟର ପ୍ରଥମ ରାୟ ପ୍ରକାଶ ପାଇଛି।




ଉଦ୍‌ଘାଟନରେ ସୀମିତ: ବ୍ରହ୍ମପୁର ପୁରୁଣା ବସ୍‌ଷ୍ଟାଣ୍ଡରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପକୁ ଗତ ୧ ତାରିଖରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ହେଲେ ଏହା କାର୍ଯ୍ୟକ୍ଷମ ହୋଇନାହିଁ। ଯାତ୍ରୀଙ୍କ ବିଶ୍ରାମସ୍ଥଳ ପାଲଟିଛି।



ବ୍ରହ୍ମପୁର ଚନ୍ଦ୍ରମଣିପେଟା ସାହିରେ ମାର୍ଗଶିର ଗୁରୁବାର ଅବସରରେ ମା' ଲକ୍ଷ୍ମୀଙ୍କ ପୂଜା ଚାଲିଛି। (ଫଟୋ-ସମୀର)

### ସୋସିଆଲ୍ ମିଡିଆରେ ଘର ଉପରେ ଧାର୍ମିକ ପତାକା ଫଟୋ

**ବ୍ରହ୍ମପୁର ଅଫିସ୍,୧୩।୧୨**

ବ୍ରହ୍ମପୁର କର୍ପୋରେଶନ୍ ରୋଡ୍‌ସ୍ଥିତ ଜନୈକ ବ୍ୟକ୍ତିଙ୍କ ଘର ଉପରେ ଗୁରୁବାର ସକାଳେ ଏକ ସଂଖ୍ୟାଲଘୁ ସମ୍ପ୍ରଦାୟ ଧର୍ମ ପତାକା ଉଡୁଥିବା ନେଇ ସୋସିଆଲ ମିଡିଆରେ ଫୋଟୋ ଭାଇରାଲ୍ ହୋଇଥିଲା। ଫେସବୁକ୍ ଏବଂ ହ୍ୱାଟ୍ସଆପ୍ ଭଳି ବିଭିନ୍ନ ସୋସିଆଲ ମିଡିଆରେ ଏହି ଫୋଟୋ ଏବଂ ଭିଡିଓ ଭାଇରାଲ୍ ହେବା ପରେ ପାକିସ୍ଥାନର ପତାକା ଲାଗିଥିବା ନେଇ ଚର୍ଚ୍ଚା ହୋଇଥିଲା। କିଛି ସମୟ ମଧ୍ୟରେ ଉକ୍ତ ଘର ସମ୍ମୁଖରେ ଜନ ସମାଗମ ହୋଇଥିଲା। ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟ ଏବଂ ଟାଉନଥାନା ଆଇଆଇସି ନୀହାର ରଞ୍ଜନ ପ୍ରଧାନ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଖବରନେବାରୁ ଜଣାପଡିଥିଲା ଯେ, ମହମ୍ମଦ୍‌ଙ୍କ ଜୟନ୍ତୀ ଅବସରରେ ଜଣେ ବ୍ୟକ୍ତି ତାଙ୍କ ଘର ଉପରେ ଧର୍ମପ୍ରତୀକାତ୍ମକ ପତାକା ଲଗାଇଥିଲେ। ପରବର୍ତ୍ତୀ ସମୟରେ ପୋଲିସ ପକ୍ଷରୁ ଉକ୍ତ ପତାକାକୁ ସେଠାରୁ ବାହାର କରାଯାଇଥିଲା।




### ଗଞ୍ଜାମ ଜିଲାରେ ଅଘୋଷିତ ପାୱାର କଟ୍ ଅବ୍ୟାହତ
# ସପ୍ତାହକ ମଧ୍ୟରେ ପାୱାର କଟ୍ ବନ୍ଦ କର: କଂଗ୍ରେସ

**ବ୍ରହ୍ମପୁର ଅଫିସ,୧୩।୧୨**

ବ୍ରହ୍ମପୁର ସମେତ ସମଗ୍ର ଗଞ୍ଜାମ ଜିଲାରେ ଅଘୋଷିତ ପାୱାର କଟ୍ ଅବ୍ୟାହତ ରହିଛି। ଏହାର ପ୍ରତିବାଦରେ ଜନ ଅସନ୍ତୋଷ ଦାନା ବାନ୍ଧୁଛି। ପ୍ରଥମେ ଗତ ବୁଧବାର ସିପିଏମ୍ ପକ୍ଷରୁ ବିଦ୍ୟୁତ ବଣ୍ଟନ ସଂସ୍ଥା ସାଉଥ୍‌କୋର ବ୍ରହ୍ମପୁରସ୍ଥ କର୍ପୋରେଟ ଅଫିସ ଆଗରେ ଗଣଧାରଣା ଓ ଆନ୍ଦୋଳନ କରାଯାଇଥିଲା। ଗୁରୁବାର ଗଞ୍ଜାମ ଜିଲା କଂଗ୍ରେସ ଆନ୍ଦୋଳନ ଧମକ ଦେଇଛି। ସପ୍ତାହକ ମଧ୍ୟରେ ପାୱାରକଟ୍ ବନ୍ଦ କରା ନ ଗଲେ ସାଉଥ୍‌କୋକୁ ସମ୍ପୂର୍ଣ୍ଣ ଅଚଳ କରିଦେବାର ଚରମବାଣୀ ଶୁଣାଇଛି କଂଗ୍ରେସ। ଏହି ମର୍ମରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଛି।

ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଆଇନଜୀବୀ ପୀତବାସ ପଣ୍ଡା କହିଛନ୍ତି, ବିଦ୍ୟୁତ ଉପଭୋକ୍ତାଙ୍କୁ କୌଣସି ସୂଚନା ଦିଆ ନ ଯାଇ ଗତ କିଛିଦିନ ହେବ ସାଉଥ୍‌କୋ ପକ୍ଷରୁ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ମନଇଚ୍ଛା ୨ ରୁ ୩ ଘଣ୍ଟା ପାୱାର କଟ୍ କରାଯାଉଛି। ଫଳରେ ଉପଭୋକ୍ତାମାନେ ହନ୍ତସନ୍ତ ହେଉଛନ୍ତି। ଆଗକୁ ପରୀକ୍ଷା ଥିବାରୁ ସନ୍ଧ୍ୟାରେ ପାଠ ପଢ଼ି ନ ପାରି ଛାତ୍ରୀଛାତ୍ର ହିନସ୍ତା ହେଉଛନ୍ତି। ଅନ୍ଧାର ଯୋଗୁ ବଜାରଗୁଡିକରେ ବ୍ୟବସାୟୀଙ୍କ କାରବାରରେ ସମସ୍ୟା ସୃଷ୍ଟି ହେଉଛି। କେବଳ ସେତିକି ନୁହେଁ, ସକାଳ ୮ ରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଉଥିବାରୁ ଜଳଯୋଗାଣ ବ୍ୟାହତ ହେଉଛି। ରାଜ୍ୟ ସରକାରଙ୍କ ଅପାରଗତାରୁ ନିଅଣ୍ଟିଆ ବିଦ୍ୟୁତ ଯୋଗୁ ଏହି ସମସ୍ୟା ଦେଖାଦେଇଥିବା କଂଗ୍ରେସ ସଙ୍ଗିନ ଅଭିଯୋଗ କରିଛି। ବେନିୟମ ଭାବେ କରାଯାଉଥିବା ପାୱାର କଟ ତୁରନ୍ତ ବନ୍ଦ ନ ହେଲେ ସାଉଥକୋ ପରିଣାମ ଭୋଗିବ ଏବଂ ମହାନଗରବାସୀଙ୍କୁ ମେଳି କରି ଲଗାତର ଭାବେ ଆନ୍ଦୋଳନ ଜୋରଦାର କରାଯିବାର ନଗର କଂଗ୍ରେସ ସଭାପତି ପ୍ରମୋଦ କୁମାର ଜେନା ସତର୍କବାଣୀ ଶୁଣାଇଛନ୍ତି।

# ଡିଏଲ୍‌ଏସ୍‌ଏ ହସ୍ତକ୍ଷେପ ପରେ ଦିବ୍ୟାଙ୍ଗ ଯୁବକଙ୍କୁ ଥଇଥାନ

**ବ୍ରହ୍ମପୁର ଅଫିସ୍,୧୩।୧୨**

ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ କମିଟି (ଡିଏଲଏସଏ)ର ହସ୍ତକ୍ଷେପ ପରେ ବେଲଗୁଣ୍ଠା ବ୍ଲକ ଲୁଦୁଲୁଦି ପଞ୍ଚାୟତ ସୋମନାଥପଲୀ ଗାଁର ଦିବ୍ୟାଙ୍ଗ ଯୁବକ ସନ୍ୟାସୀ ପାତ୍ରଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇଦେବା ସହିତ ଥଇଥାନ କରାଯାଇଥିବା ସୂଚନା ଦିଆଯାଇଛି। ସନ୍ୟାସୀ ବାପାଙ୍କର ପୂର୍ବରୁ ଦେହାନ୍ତ ହୋଇଥିବା ବେଳେ ଅନ୍ୟ ଲୋକଙ୍କ ଉପରେ ନିର୍ଭର କରି ଚଳୁଥିଲେ। ଏ ନେଇ ପ୍ରାଧିକରଣ ସଚିବ ବିଜୟ କୁମାର ଦାସ ଅବଗତ ହେବା ପରେ ଜିଲାପାଳ ଏବଂ ବେଲଗୁଣ୍ଠା ବିଡିଓଙ୍କ ସହ ଯୋଗାଯୋଗ କରିଥିଲେ। ସନ୍ୟାସୀଙ୍କୁ ସରକାରୀ ସୁବିଧା, ଥଇଥାନ କରାଯିବା ନେଇ ପ୍ରସ୍ତାବ ଦେଇଥିଲେ। ବ୍ଲକ ପକ୍ଷରୁ ସନ୍ୟାସୀଙ୍କ ମାସିକ ଭତ୍ତା ୩ ଶହରୁ ୫ ଶହ ଟଙ୍କାକୁ ବୃଦ୍ଧି କରାଯିବା ସହିତ ଅନ୍ତ୍ୟୋଦୟ କାର୍ଡ ମାଧ୍ୟମରେ ୧୦ କେଜି ଚାଉଳ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଥିଲା। ସେହିପରି ବଲାଙ୍ଗୀର ଏଏସଆରଏ, ଏ-୭୩, ତୁଣ୍ଡ୍ରା ଜଗନ୍ନାଥ ମନ୍ଦିରରେ ସନ୍ୟାସୀଙ୍କୁ ଥଇଥାନ କରାଯାଇଥିବା ନେଇ ବେଲଗୁଣ୍ଠା ବିଡିଓ ଚିଠି ନଂ ୩୬୯୫ରେ ପ୍ରାଧିକରଣ କାର୍ଯ୍ୟାଳୟକୁ ଜଣାଇଥିବା ସୂଚନା ଦିଆଯାଇଛି।

## ■ ଭିଜିଲାନ୍ସ ଜାଲରେ ବଡ଼ ମେଡିକାଲ ଫାର୍ମାସିଷ୍ଟ
# ନିରାମୟ ଔଷଧ ପାଇଁ ୮ଶହ ଟଙ୍କା ଲାଞ୍ଚ ନେଉଥିଲେ

**ବ୍ରହ୍ମପୁର ଅଫିସ୍,୧୩।୧୨**

ବ୍ରହ୍ମପୁର ଡିଭିଜନ୍ ଭିଜିଲାନ୍ସ ଜାଲରେ ଗୁରୁବାର ଛନ୍ଦି ହୋଇଛନ୍ତି ବଡ ମେଡିକାଲ ଅସ୍ଥିଶଲ୍ୟ ବିଭାଗ ଅସ୍ତ୍ରୋପଚାର କକ୍ଷ ମହିଳା ଫାର୍ମାସିଷ୍ଟ ମେରୀ ଖାନ୍। ଏକ ଅସ୍ତ୍ରୋପଚାର ସମୟରେ ରୋଗୀଙ୍କଠାରୁ ୮ ଶହ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି।



ଗିରଫ ମହିଳା ଫାର୍ମାସିଷ୍ଟ ମେରୀ ଖାନ୍।

ପ୍ରକାଶଯେ, ବ୍ରହ୍ମପୁର ଗଜପତିନଗର ନିବାସୀ ହଟକେଶ୍ୱର ସାମନ୍ତରାୟ ଏକ ସଡକ ଦୁର୍ଘଟଣାରେ ଗୁରୁତର ହୋଇ ବଡ ମେଡିକାଲର ଅସ୍ଥିଶଲ୍ୟ ବିଭାଗରେ ଚିକିତ୍ସିତ ହେଉଛନ୍ତି। ଗୁରୁବାର ତାଙ୍କର ଗୋଡ ଅସ୍ତ୍ରୋପଚାର ଚାଲିଥିବା ସମୟରେ ଔଷଧ ଖର୍ଚ୍ଚ ବାବଦକୁ ସେଠାରେ ଥିବା ମହିଳା ଫାର୍ମାସିଷ୍ଟ ମେରୀ ଖାନ ୧୨ ଶହ ଟଙ୍କା ଦେବାକୁ ଦାବି କରିଥିଲେ। ନିରାମୟ ଔଷଧ ମାଗଣାରେ ଉପଲବ୍ଧ ଥିବା ନେଇ ହଟକେଶ୍ୱରଙ୍କ ପୁଅ ମାନସ ଯୁକ୍ତି କରିଥିଲେ। ହେଲେ ଫାର୍ମାସିଷ୍ଟ ଜଣକ ବାହାରୁ କିଣି ଆଣିବା ପାଇଁ କହିଥିଲେ। ମାନସଙ୍କ ସମ୍ପର୍କୀୟ ଜଣେ ବଡ ମେଡିକାଲ ଷ୍ଟାଫ୍ ନର୍ସ ଥିବା ପରିଚୟ ଦେବା ପରେ ଫାର୍ମାସିଷ୍ଟ ମେରୀ ୮ ଶହ ଟଙ୍କାରେ ଉକ୍ତ ଔଷଧ ସବୁ ଦେବାକୁ ରାଜି ହୋଇଥିଲେ। ଏନେଇ ମାନସ ବ୍ରହ୍ମପୁର ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇ ଏକ ରିପୋର୍ଟ ଦେଇଥିଲେ। ମାନସଙ୍କ ରିପୋର୍ଟକୁ ଭିତ୍ତିକରି ଭିଜିଲାନ୍ସ ବିଭାଗ ପକ୍ଷରୁ ନଂ. ୫୧/୧୮ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ପୂର୍ବଯୋଜନା ମୁତାବକ ଗୁରୁବାର ଅପରାହ୍ନରେ ମାନସ ମେରୀଙ୍କୁ ଭିଜିଲାନ୍ସ ପକ୍ଷରୁ ପ୍ରଦତ୍ତ ରଙ୍ଗବୋଳା ୮ ଶହ ଟଙ୍କା ଦେଇଥିଲେ। ସେ ଉକ୍ତ ଟଙ୍କା ଗ୍ରହଣ କରି ନିଜ ପାଖରେ ରଖିଥିଲେ। ଅସ୍ତ୍ରୋପଚାର ଶେଷ ହେବା ପରେ ସେଠାରେ ଛକି ରହିଥିବା ଭିଜିଲାନ୍ସ ବିଭାଗ କର୍ମଚାରୀମାନେ ମେରୀଙ୍କୁ କେମିକାଲ୍‌ମିଶା ପାଣିରେ ହାତ ବୁଡାଇବାକୁ କହିଥିଲେ। ହାତ ନାଲି ହେବା ପରେ ତାଙ୍କୁ ଗିରଫ କରାଯାଇଥିଲା। ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ବ୍ରହ୍ମପୁର ଅରବିନ୍ଦନଗର ପ୍ରଥମ ଲେନ୍‌ସ୍ଥିତ ବାସଭବନରେ ଚଢାଉ କରାଯାଇ ଅଧିକ ତଥ୍ୟ ସଂଗ୍ରହ କରାଯାଉଥିବା ସୂଚନା ଦିଆଯାଇଛି।

# ମାପ ଓଜନ ବିଭାଗର ଚଢ଼ାଉ



ଏକ ଦୋକାନରେ ଚଢ଼ାଉ ଚାଲିଛି।

**ବ୍ରହ୍ମପୁର ଅଫିସ,୧୩।୧୨**

ମାପ ଓ ଓଜନ ବିଭାଗ ପକ୍ଷରୁ ବ୍ରହ୍ମପୁର ସହରର ବିଭିନ୍ନ ଅଞ୍ଚଳରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ଉପରେ ଚଢ଼ାଉ କରାଯାଇଛି। ମାପ ଓ ଓଜନ ନିୟମକୁ ଖିଲାପ କରିଥିବା ୭ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ୩୭ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ଦୁଇ ଜଣଙ୍କୁ ନୋଟିସ୍ ଜାରି କରାଯାଇଛି। ଏହି ଚଢ଼ାଉରେ ବ୍ରହ୍ମପୁର ଅତିରିକ୍ତ ତହସିଲଦାର ଜ୍ଞାନଜିତ ତ୍ରିପାଠୀ, ସହକାରୀ ନିୟନ୍ତ୍ରକ ବିନୟ କୁମାର ଦାଶ, ବରିଷ୍ଠ ନିରୀକ୍ଷକ ସତ୍ୟଜିତ ବିଶ୍ୱାଳ ଏବଂ ଶିଶିର ସାହୁ ପ୍ରମୁଖ ଭାଗ ନେଇଥିଲେ। ଆଗାମୀ ଦିନରେ ଏଭଳି ଚଢ଼ାଉ ଜାରି ରହିବ ବୋଲି ଉପଜିଲାପାଳ ଦିଗନ୍ତ ରାଉତରାୟ ସୂଚନା ଦେଇଛନ୍ତି।

## ■ ୨୩ରେ ବସନ୍ତ ଉତ୍ସବ-୨୦୧୮
# ର୍‍ୟାମ୍ପ ଶୋ ମୁଖ୍ୟ ଆକର୍ଷଣ

**ବ୍ରହ୍ମପୁର ଅଫିସ,୧୩।୧୨**

ବ୍ରହ୍ମପୁର ସାଂସ୍କୃତିକ ଅନୁଷ୍ଠାନ କଳାଞ୍ଜଳି ଆର୍ଟିଷ୍ଟ ଟ୍ରଷ୍ଟ ପକ୍ଷରୁ ବସନ୍ତ ଉତ୍ସବ-୨୦୧୮ ଅନୁଷ୍ଠିତ ହେବ। ଆସନ୍ତା ୨୩ରେ ହିଲପାଟଣା ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଶିଶୁ, ଗୃହିଣୀ ଓ ମହିଳାଙ୍କ ର୍‍ୟାମ୍ପ ଶୋ ପ୍ରତିଯୋଗିତା ଆୟୋଜନ ହେବ ବୋଲି ଗୋଷାଣୀନୂଆଗାଁ ରାଜାରାଣୀ କନକ୍ଲେଭରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ ସମ୍ପାଦିକା ରାମେଶ୍ୱରୀ ନନ୍ଦ ସୂଚନା ଦେଇଛନ୍ତି। ମହିଳାଙ୍କ ମଧ୍ୟରେ ଥିବା ପ୍ରତିଭାର ବିକାଶ ଉଦ୍ଦେଶ୍ୟରେ ପ୍ରଥମ ଥର ପାଇଁ ଅନୁଷ୍ଠାନ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ସମ୍ପାଦିକା ରାମେଶ୍ୱରୀ ନନ୍ଦ ସୂଚନା ଦେଇଥିଲେ। ଏଥିରେ ଓଲିଉଡ ତାରକା ହର ରଥ ଓ ଅଭିନେତ୍ରୀ ଅର୍ପିତା କର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ବହୁ ବିଶିଷ୍ଟ କଳାକାର ତଥା ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ତେବେ ଭାଗନେବାକୁ ଥିବା ପ୍ରତିଯୋଗୀ ତଥା ଦର୍ଶକ ଅନୁଷ୍ଠାନ ପକ୍ଷରୁ ଟିକେଟ ବ୍ୟବସ୍ଥା କରାଯାଇଥିବା ସମ୍ପାଦିକା ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ କୋଷାଧ୍ୟକ୍ଷ ଅର୍ଦ୍ଧେନ୍ଦୁ ଶେଖର ପାଣିଗ୍ରାହୀ, ନୃତ୍ୟଗୁରୁ ରଶ୍ମିତା ଲିମା, ଗୌରବ ଧନରାଜ, ବିମଳରାମ ଗନ୍ତାୟତ, ସତ୍ୟବ୍ରତ ପଣ୍ଡା ଓ ଲୋକନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ କର୍ମକର୍ତ୍ତା।

## ■ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ରଙ୍ଗ ସଙ୍ଗମ-୨୦୧୮
# ନାଟକରେ ବ୍ୟାଡମ୍ୟାନ୍‌ର କାହାଣୀ

**ବ୍ରହ୍ମପୁର ଅଫିସ, ୧୩।୧୨**

ମନୁଷ୍ୟର ଚରିତ୍ର ଜନ୍ମରୁ ଭଲ ଓ ଖରାପ ହୋଇ ନ ଥାଏ। ଭଲ, ଖରାପ ମନୁଷ୍ୟ ମଧ୍ୟରେ ହିଁ ରହିଥାଏ। ଯାହାପାଇଁ ସମାଜ ଆଖିରେ ପାଲଟି ଯାଏ ଏକ ବ୍ୟାଡମ୍ୟାନ। ନିଜର ଯୌନପିପାସୁ ଲାଳସା ତା' ମଧ୍ୟରେ ଥିବା ଗୁଡମ୍ୟାନକୁ ସମାଜ ସମ୍ମୁଖରୁ ହଜାଇ ଦେଇ ବ୍ୟାଡମ୍ୟାନ ଭାବେ ସମାଜରେ ତାକୁ ପରିଚୟ ଦିଏ। ଏପରି ଏକ ବିଷୟବସ୍ତୁକୁ ନେଇ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ରଙ୍ଗ ସଙ୍ଗମ-୨୦୧୮ର ଚତୁର୍ଥ ସନ୍ଧ୍ୟାରେ ଭୁବନେଶ୍ୱର ରଙ୍ଗଲୋକ ଅନୁଷ୍ଠାନ ପକ୍ଷରୁ ମଞ୍ଚସ୍ଥ ହୋଇଥିଲା ନାଟକ 'ଏ ବ୍ୟାଡ ମ୍ୟାନ'ସ ଲଭ ଷ୍ଟୋରି'। ମନୁଷ୍ୟ ପ୍ରତି ମୁହୂର୍ତ୍ତରେ ନିଜକୁ ଗୁଡମ୍ୟାନ ଭାବେ ପରିଚିତ କରିବାକୁ ଇଚ୍ଛା ପ୍ରକାଶ କରିଥାଏ। କିନ୍ତୁ ନିଜ ମନ ମଧ୍ୟରେ ଉଠିଥିବା ଯୌନ ପିପାସା ତାକୁ ସମାଜରେ କିପରି ବ୍ୟାଡମ୍ୟାନର ଆଖ୍ୟା ଦିଏ ତାହା ଏହି ନାଟକରେ ପ୍ରଦର୍ଶିତ ହୋଇଥିଲା। ମନୁଷ୍ୟ ମଧ୍ୟରେ ଥିବା ବ୍ୟାଡମ୍ୟାନ ଚରିତ୍ରକୁ ନିଜ ମଧ୍ୟରେ ହିଁ ସମାଧାନ କରିବାକୁ ତୁଷାରକାନ୍ତ ପଟ୍ଟନାୟକଙ୍କ ରଚିତ ଓ ଦୁର୍ଯ୍ୟୋଧନ ସାହୁଙ୍କ ନିର୍ଦ୍ଦେଶିତ ଏହି ନାଟକରେ ବାର୍ତ୍ତା ଦିଆଯାଇଥିଲା। ଓଡିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ଓ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଜିଲା ସଂସ୍କୃତି ପରିଷଦ ଛତ୍ରପୁର, ବ୍ରହ୍ମପୁରର ଓଡିଶା ନାଟକ ସମାରୋହ ସମିତି ମିଳିତ ସହଯୋଗରେ ହିଲପାଟଣା ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ଆୟୋଜିତ ମହୋତ୍ସବ 'ରଙ୍ଗ ସଙ୍ଗମ-୨୦୧୮'ର ଚତୁର୍ଥ ସନ୍ଧ୍ୟାକୁ ଗଞ୍ଜାମ ଅତିରିକ୍ତ ଜିଲାପାଳ ବିଜୟ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ, ପୂର୍ବତନ କର୍ପୋରେଟର ସଙ୍ଘମିତ୍ରା ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ଓଡିଶା ନାଟକ ସମାରୋହ ସମିତି ସହ ସମ୍ପାଦକ ମିହିର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ନାଟକର ଏକ ଦୃଶ୍ୟ।

## ସଂକ୍ଷେପରେ

### ମହାଲକ୍ଷ୍ମୀ ପୂଜା



**ଆସିକା,୧୩।୧୨(ଡି.ଏନ୍.ଏ.):** ଆସିକା ଓ ଏହାର ଆଖପାଖ ଗ୍ରାମାଞ୍ଚଳରେ ଗୁରୁବାର ବିଭିନ୍ନ ପୂଜାମଣ୍ଡପରେ ମା' ମହାଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି । ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା ଚାଲିଛି। ସପ୍ତାହେ ବ୍ୟାପି ହେବାକୁ ଥିବା ଏହି ପୂଜା ଅବସରରେ ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଆସିକା ସହରର ସର୍ବପୁରାତନ ଲକ୍ଷ୍ମୀପୂଜା ମଣ୍ଡପ ଓଡିଆ ସାହି, ବଜାର ସାହି, ହାଟପଦା, ଲକ୍ଷ୍ମୀ ବଜାର ଓ ମହାଲକ୍ଷ୍ମୀ ପରିବା ବଜାର ଓ ସହର ନିକଟସ୍ଥ କାଳଷଣ୍ଡପୁର, ମୁକୁନ୍ଦପୁର ଓ ନୂଆଗାଁ ଠାରେ ମହାଲକ୍ଷ୍ମୀ ପୂଜା ହେଉଛି । ସପ୍ତାହେ ବ୍ୟାପି ପୂଜା ପରେ ମୂର୍ତ୍ତି ବିସର୍ଜନ ହେବ।

### ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ, ଅଭିଭାବକ ସମ୍ମିଳନୀ

**ଶଙ୍କରାଖୋଲ,୧୩।୧୨(ଡି.ଏନ୍.ଏ.):** କନ୍ଧମାଳ ଜିଲା ଚକାପାଦ ବ୍ଲକ ଶଙ୍କରାଖୋଲରେ ଥିବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଶିକ୍ଷକ ଓ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିହର ପଟ୍ଟନାୟକ ଅଧକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରତିନିଧି ଖଗେଶ୍ୱର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବକିଲା ପ୍ରଧାନ ଯୋଗ ଦେଇଥିଲେ। ଏଥିରେ ବିଦ୍ୟାଳୟର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ, ଗୁଣାତ୍ମକ ଶିକ୍ଷାର ଅଗ୍ରଗତି, ଛାତ୍ରୀ ନିବାସର ପରିଚାଳନା ଉପରେ ଆଲୋକପାତ କରାଯିବା ସହ ବିଦ୍ୟାଳୟ ପରିଚାଳନା ନେଇ ଅଭିଭାବକ ଓ ଶିକ୍ଷକ ମତ ପ୍ରକାଶ କରିଥିଲେ। ପରେ ବାଲ୍ୟ ବିବାହ ରୋକିବାକୁ ସମସ୍ତେ ଶପଥ ନେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ରାଜଶ୍ରୀ ଆଚାର୍ଯ୍ୟ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

### ମଦ ଜବତ, ୨ ଗିରଫ

**ଦାରିଙ୍ଗବାଡ଼ି,୧୩।୧୨(ଡି.ଏନ.ଏ):** ଦାରିଙ୍ଗବାଡ଼ି ଥାନା ପକ୍ଷରୁ ଗୁରୁବାର ଦନେକବାଡ଼ି ପଞ୍ଚାୟତରେ ଅବକାରୀ ଚଢ଼ାଉ କରାଯାଇ ଶତାଧିକ ମହୁଲ ପୋଚ ନଷ୍ଟ କରାଯିବା ସହ ୧୦ଲିଟର ଦେଶୀ ମଦ ସହ ରନ୍ଧା ସାମଗ୍ରୀ ଜବତ ହୋଇଛି। ମଦ କାରବାରରେ ସଂପୃକ୍ତି ଅଭିଯୋଗରେ ଲିଲିମା ନାୟକ ଏବଂ ଗୋପାଳ ନାୟକଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ.୧୫୪ ଓ ୧୫୫/୧୮ରେ ମାମଲା ରୁଜୁ ହୋଇଥିବା ଆଇଆଇସି ଅଲେଖ ଗରଡ଼ିଆ କହିଛନ୍ତି। ଏଏସଆଇ ଆର.ଭିମୋରାଓ ରେଡ୍ଡୀ, ହାବିଲଦାର ଗଜେନ୍ଦ୍ର ବିଶୋୟୀ, ରାଇଟର ବିଦେଶୀ ବେହେରା ଚଢ଼ାଉ କରିଥିଲେ ।

### ଉହ ପାଣି ପଞ୍ଚାୟତ ବୈଠକ



**ଭଞ୍ଜନଗର,୧୩।୧୨(ଡି.ଏନ୍.ଏ.):** ଉହ ପାଣି ପଞ୍ଚାୟତର ବୈଠକ ବୁଧବାର ସ୍ଥାନୀୟ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରବି ଚାଷ ପାଇଁ ଉହ ଜଳଭଣ୍ଡାରରୁ ୯ଶହ ହେକ୍ଟର ଜମିକୁ ପାଣି ଯୋଗାଇ ଦିଆଯିବ। ଜାନୁଆରୀ ୧୫ ତାରିଖରୁ ପର୍ଯ୍ୟାୟକ୍ରମେ ପାଣି ଛଡ଼ାଯିବ। ପାଣିର ସୁଷମ ବଣ୍ଟନ ଏବଂ କେନାଲ ପୁନରୁଦ୍ଧାର କାର୍ଯ୍ୟ କିଭଳି ହେବ ତାହା ଆଲୋଚନା ହୋଇଥିଲା। ପାଣି ପଞ୍ଚାୟତ ଶୀର୍ଷ କମିଟି ସଭାପତି ବୀରେନ୍ଦ୍ର କେଶରୀ ଆରୁଖ ବୈଠକରେ ସଭାପତିତ୍ୱ କରିଥିଲେ। ସହକାରୀ ଯନ୍ତ୍ରୀ ସୁମା ପ୍ରଧାନ ପାଣି ପଞ୍ଚାୟତର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଦିଲୀପ କୁମାର ରଥ ଆଲୋଚନାରେ ଭାଗ ନେଇଥିଲେ। ଯନ୍ତ୍ରୀ ରଶ୍ମି ରଞ୍ଜନ ରଥ ସଭା ପରିଚାଳନା କରିଥିଲେ।

## କନ୍ଧମାଳ ଡିଗ୍ରୀ କଲେଜରେ ଛାତ୍ର ଅସନ୍ତୋଷ

# ପରୀକ୍ଷା ବର୍ଜନ କରି ବିକ୍ଷୋଭ

**କ.ନୂଆଗାଁ,୧୩।୧୨(ଡି.ଏନ୍.ଏ.)**

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକର ସାରଙ୍ଗଗଡଠାରେ ଥିବା କନ୍ଧମାଳ ଡିଗ୍ରୀ କଲେଜରେ ଗୁରୁବାର ଛାତ୍ରୀଛାତ୍ରମାନେ ଯୁକ୍ତ ୩ ତୃତୀୟ ବର୍ଷ ସେମିଷ୍ଟର ପରୀକ୍ଷା ବର୍ଜନ କରି ଧାରଣାରେ ବସିଛନ୍ତି। ଅଧକ୍ଷ ଅଶୋକ କୁମାର ପାଣୀ, ଅଧାପକ ପ୍ରଦୀପ କୁମାର ପଣ୍ଡା ଓ ଅଧାପିକା ଦେବଜାନୀ ପଣ୍ଡାଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ଅଧାପିକାଙ୍କ ବଦଳରେ ଅଧାପକଙ୍କ ଦ୍ୱାରା ଛାତ୍ରୀମାନଙ୍କୁ ଚେକିଂ କରିବା, ପାଠ ନ ପଢାଇ ପରୀକ୍ଷା କରିବା, ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର କରିବା ଭଳି ଅଭିଯୋଗ ଆଣି କଲେଜ ସମ୍ମୁଖରେ ଧାରଣାରେ ବସିଥିଲେ। ଏନେଇ କାର୍ଯ୍ୟାନୁଷ୍ଠାନ ନ ନେଲେ ଶୁକ୍ରବାର ମଧ ଧାରଣା ଜାରି ରହିବ ବୋଲି କହିଛନ୍ତି। ସାରଙ୍ଗଗଡ ଥାନା ଅଧିକାରିଣୀ ରେବତୀ ଶବର ଓ କଲେଜ କର୍ତ୍ତୃପକ୍ଷ, କମିଟି ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ ମଧ କେହି ପରୀକ୍ଷା ଦେଇ ନାହାନ୍ତି। ହିମାଂଶୁ ନାୟକ, ମମତାମୟୀ ପ୍ରଧାନ, ଜନ୍ମେଜୟ କହଁର, ରମେଶ ପାତ୍ର, ରିକୁନ ସେଠୀ ପ୍ରମୁଖଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଥିଲେ।



ଧାରଣାରେ ବସିଥିବା ଛାତ୍ରୀଛାତ୍ର।

## ଶୀତ ଉତ୍ସବ, ପୁସ୍ତକ ମେଳାର ପଞ୍ଚମ ସନ୍ଧ୍ୟା

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ



ସାଂସ୍କୃତିକ କାର୍ଯ୍ୟକ୍ରମର ଏକ ଦୃଶ୍ୟ।

**ଦାରିଙ୍ଗବାଡ଼ି,୧୩।୧୨(ଡି.ଏନ.ଏ)**

ଦାରିଙ୍ଗବାଡ଼ି ଶୀତ ଉତ୍ସବ ଓ ପୁସ୍ତକ ମେଳା ଗୁରୁବାର ପଞ୍ଚମ ଦିବସରେ ପହଞ୍ଚିଛି। ଶୀତ ଉତ୍ସବ ଓ ପୁସ୍ତକ ମେଳାର କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପଞ୍ଚମ ସନ୍ଧ୍ୟାର କାର୍ଯ୍ୟକ୍ରମକୁ ବିଡିଓ ତ୍ରିଲୋଚନ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । କବି ବିପିନ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ 'କବିତାରେ ଶୀତ, ଛୁଇଁ ଯାଏ ଓଠକୁ ଅପାସୋରା ଗୀତ' ପ୍ରସଙ୍ଗରେ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଝୁନୁରାଣୀ ପ୍ରଧାନ, ରାଧାରାଣୀ ଦଳେଇ, ସୁଜାତା ଭାରତ ଗ୍ୟାସ ଗ୍ରାମୀଣ ବିତରକ ସଂସ୍ଥାର ମୁଖ୍ୟ ଭୃଗୁ କୁମାର ସାହୁ, ଭାରତ ପେଟ୍ରୋଲିୟମ୍‌ର ମୋହନ ସୁବୁଦ୍ଧି, ସିମନବାଡ଼ି ବଣିକ ସଂଘ ସଭାପତି ଅରୁଣ କୁମାର ସାହୁ, ଓକିଲ ପ୍ରଦୀପ କୁମାର ସାହୁ, ରଞ୍ଜିତ କୁମାର ମିଶ୍ର, ସଂଗ୍ରାମ କୁମାର ନାୟକ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। କବିତା ସହ ଶୀତ କିଭଳି ଯୋଡ଼ି ହୋଇରହିଛି ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସିଆରସିସି ଶ୍ୟାମ ସୁନ୍ଦର ଦିଗାଳ ଧନ୍ୟବାଦ ଜଣାଇଥିଲେ । ପ୍ରତିଦିନ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମରେ ମଙ୍ଗଳାଚରଣ, ସମ୍ବଲପୁରୀ, ପାରମ୍ପରିକ ନୃତ୍ୟ ପରିବେଷଣ ହୋଇଥିଲା । ହଜାର ହଜାର ସଂଖ୍ୟାରେ ଦର୍ଶକ ଉପସ୍ଥିତ ଥିଲେ । ଶୀତ ଉତ୍ସବ ଓ ପୁସ୍ତକ ମେଳା ଆୟୋଜନ କମିଟିର ସଭାପତି ରମେଶ ଚନ୍ଦ୍ର ସାହୁଙ୍କ ସମେତ ଉପସଭାପତି ପତିତପାବନ ରାଉତ, ସମ୍ପାଦକ ବିଦେଶୀ ନାୟକ, କୈଳାସ ଚନ୍ଦ୍ର ଦଣ୍ଡପାଟ, ହରେନ ସାହୁ, ପ୍ରଦୀପ ସାହୁ, ଶିବ ପ୍ରସାଦ ଦିଗାଳ, ଅନ୍ତରଙ୍ଗ ଯୁବ ମହାସଂଘ ସଦସ୍ୟ ଓକିଲ ସଂଘ, ବଣିକ ସଂଘ ଆଦିର ସଦସ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କ କଲେଜ ପରିଦର୍ଶନ

**ଭଞ୍ଜନଗର,୧୩।୧୨(ଡି.ଏନ.ଏ.)**

ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଗୁରୁବାର ଭଞ୍ଜନଗର କଲେଜ ପରିଦର୍ଶନରେ ଆସିଥିଲେ। ପିଲାଙ୍କ କ୍ଲାସ କିଭଳି ଚାଲିଛି, କେତେ ସରିଛି, ପରୀକ୍ଷା ବ୍ୟବସ୍ଥା ଆଦି ବିଷୟରେ ବିଭାଗୀୟ ଅଧାପିକା, ଅଧାପକଙ୍କ ସହ ଆଲୋଚନା କରିଥିଲେ। ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କ ସହ ଯୁକ୍ତ୨ ଶିକ୍ଷା ପରିଷଦ ଉପ ସଚିବ ଡ.କୁଳମଣି ଓଝା ମଧ ଆସିଥିଲେ। କଲେଜ ଅଧକ୍ଷ ଡ.ନୀଳାଞ୍ଚଳ ମୁନିଙ୍କ ସମେତ ସମସ୍ତ ଅଧାପିକା ଅଧାପକ ଉପସ୍ଥିତ ଥିଲେ।



ଅଧାପକଙ୍କ ସହ ଆଲୋଚନା କରୁଛନ୍ତି ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ।

## ଜବରଦଖଲ ଉଚ୍ଛେଦ ଆରମ୍ଭ

**ଶେରଗଡ,୧୩।୧୨(ଡି.ଏନ.ଏ.)**

ଶେରଗଡ ଗ୍ରାମ ଚାରିଛକ ଠାରୁ ଧବଳପୁର ଗ୍ରାମ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ଅଭିଯାନ ଗୁରୁବାର ଠାରୁ ଆରମ୍ଭ ହୋଇଛି। ଚାରିଛକରେ ୫୦ ରୁ ଅଧିକ ଦୋକାନ, କିଛି ଉଠା ଦୋକାନୀ ଓ ଧବଳପୁର ଗ୍ରାମରେ କିଛି ଘର ଉଚ୍ଛେଦ ହୋଇଥିଲା। ତହସିଲଦାର ଡ. ଦୟାସିନ୍ଧୁ ପରିଡା, ଅତିରିକ୍ତ ତହସିଲଦାର ଜ୍ୟୋତିମୟ ଦାଶ, ରାଜସ୍ୱ ନିରୀକ୍ଷକ ମନୋଜ କୁମାର ନାହାକ, ସୁପରଭାଇଜର ପି. ପଞ୍ଚମା, ଆଇଆଇସି ବିଶ୍ୱରଞ୍ଜନ ନାୟକ, ଏଏସ୍‌ଆଇ ହରିହର ଗନ୍ତାୟତ ଓ ମାନସ ରଞ୍ଜନ ସାହୁ, ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ବାବୁଲି ଚାନ୍ଦ ଗୌଡ, ଉପସହାକରୀ ଯନ୍ତ୍ରୀ ବନୋଜ କାନ୍ତ ସେଠୀ ପ୍ରମୁଖଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ ହୋଇଥିଲା। ଧବଳପୁରରେ ଉଚ୍ଛେଦ ବେଳେ ଲୋକମାନେ ରାସ୍ତାରୋକୋ କରିଥିଲେ। ଫଳରେ କିଛି ସମୟ ହିଞ୍ଜିଳି ରାସ୍ତାରେ ଯାତାୟାତ ବନ୍ଦ ହୋଇଥିଲା। ତହସିଲଦାର ଓ ଆଇଆଇସି ପହଞ୍ଚି ବୁଝାସୁଝା ପରେ ପରିସ୍ଥିତି ଶାନ୍ତ ପଡିଥିଲା ଓ ରାସ୍ତାରୋକୋ ହଟିଥିଲା।

## ଗ୍ରାସୀମ ଇଣ୍ଡଷ୍ଟ୍ରିଜ ପକ୍ଷରୁ ସ୍କୁଲ ବ୍ୟାଗ ବଣ୍ଟନ

**ଗଞ୍ଜାମ,୧୩।୧୨(ଡି.ଏନ.ଏ.)**

ଗଞ୍ଜାମ ଥାନା ଅଗସ୍ତି ନୋଳିଆନୂଆଗାଁ ମଧ ଇଂରାଜୀ ବିଦ୍ୟାଳୟରେ ଗ୍ରାସିମ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଗୁରୁବାର ସ୍କୁଲ ବ୍ୟାଗ ବଣ୍ଟନ କରଯାଇଛି। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ପିଲାମାନଙ୍କୁ ସ୍କୁଲ ମୁହାଁ ହେବା ସହ ବିଭିନ୍ନ ବିଷୟରେ ସ୍କୁଲ ପିଲାଙ୍କୁ ବୁଝାଯାଇଥିଲା। ଏହି ଅବସରରେ ମୋଟ ୬୧୦ ଜଣ ପିଲାଙ୍କୁ ସ୍କୁଲ ବ୍ୟାଗ ବଣ୍ଟନ କରାଯାଇଥିଲା। ଗ୍ରାସୀମ କମ୍ପାନିର ବିକାଶ ମହେଶ୍ୱରୀ, ରବୀନ୍ଦ୍ର କୁମାର ମାହାନ୍ତି, କମ୍ପାନୀର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରବୀଣ ନାରାୟଣ ଦାସ, ପ୍ରଧାନ ଶିକ୍ଷକ ପଞ୍ଚାନନ ରଥ, ସରପଞ୍ଚ ପି. ସିମାଦ୍ରି, ଶିକ୍ଷକ ସୁବାସ ଚନ୍ଦ୍ର ମଲିକ, ପୂର୍ବତନ ସରପଞ୍ଚ ଏ. କାଳିଆ, ଡବ୍ଲ୍ୟୁ. କାଳିଆ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କ ଆତ୍ମହତ୍ୟା

**ଗୋପାଳପୁର,୧୩।୧୨**

ଗୋଳନ୍ଥରା ଥାନା କଇଠାପଲ୍ଲୀ ଗ୍ରାମର ସୁପ୍ରଭା ନାୟକ (୩୨) ଆତ୍ମହତ୍ୟା କରିଛନ୍ତି। ଗୋଳନ୍ଥରା ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ସୁପ୍ରଭା ପାରିବାରିକ ସମସ୍ୟା ନେଇ ବିଭିନ୍ନ ସମୟରେ ଚିନ୍ତାଗ୍ରସ୍ତ ରହୁଥିଲେ। ବୁଧବାର ପୂର୍ବାହ୍ନରେ ନିଜ ବାପା ଘର ତୁଲୁ ଗ୍ରାମକୁ ସୁପ୍ରଭା ଆସିଥିଲେ। ବିଳମ୍ବିତ ରାତିରେ ରୋଷେଇ ଘରେ ଥିବା ଦୁଲାରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଖବର ପାଇ ଗୋଳନ୍ଥରା ଥାନାଧିକାରୀ ଡ. ଆଲୋକ କୁମାର ଜେନା ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଥିଲେ। ଏନେଇ ନଂ.୨୭/୧୮ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତାଙ୍କର ୫ ଓ ୭ ବର୍ଷର ୨ ପୁତ୍ର ସନ୍ତାନ ଅଛନ୍ତି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ନର



@ ସୂର୍ଯ୍ୟ



@ ଅଶ୍ୱିନୀ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଉପଜିଲାପାଳଙ୍କ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

**ଗଞ୍ଜାମ,୧୩।୧୨(ଡି.ଏନ.ଏ.)**

**ଗଞ୍ଜାମ ଏନ୍‌ଏସି**

ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ ଗୁରୁବାର ପୂର୍ବାହ୍ନରେ ଗଞ୍ଜାମ ଏନ୍‌ଏସି ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ତଥା ସହରାଞ୍ଚଳ ଆବାସ ଯୋଜନା, ଉନ୍ନତି ଯୋଜନାରେ ପ୍ରତି ୱାର୍ଡକୁ ଆସିଥିବା ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି କି ନାହିଁ ଏବଂ କେନ୍ଦ୍ର ସରକାରଙ୍କ ଚତୁର୍ଦ୍ଦଶ ଅର୍ଥ କମିଶନ ଫଣ୍ଡ କେଉଁ କାର୍ଯ୍ୟରେ ବ୍ୟବହାର କରାଯାଇଛି ଇତ୍ୟାଦି ବିଷୟ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁନିଲ କୁମାର ଗୁଡୁଙ୍କୁ ପଚାରି ବୁଝିଥିଲେ। ଏଥିସହିତ ଗଞ୍ଜାମ ସହରରେ ଖୋଲାଯିବାକୁ ଥିବା ଆହାର କେନ୍ଦ୍ର ପାଇଁ ସ୍ଥାନ ନିରୂପଣ, ଟିକସ ଆଦାୟ ଉପରେ ମଧ ଆଲୋଚନା କରିଥିଲେ। ପରେ ଆବାସ ଯୋଜନାରେ ଗୃହ ପାଇଥିବା ହିତାଧିକାରୀଙ୍କ ଗ୍ରାମକୁ ଯାଇ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ମେଡିକାଲ ପାଖ, ମିନି ଷ୍ଟାଡିୟମ ପାର୍ଶ୍ୱ ଏବଂ ଜୟଶ୍ରୀ ଛକସ୍ଥିତ ପୁରୁଣା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଆଦି ଆହାର କେନ୍ଦ୍ର ପାଇଁ ଚିହ୍ନଟ କରାଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଗୁଡୁ ସୂଚନା ଦେଇଛନ୍ତି। ଏଥିସହିତ ଏ ସମ୍ପର୍କରେ ତହସିଲ କାର୍ଯ୍ୟାଳୟକୁ ଚିଠି କରାଯିବ ବୋଲି ସେ କହିଛନ୍ତି। ଗସ୍ତବେଳେ ବ୍ଲକ ସହକାରୀ ଯନ୍ତ୍ରୀ ଟି. ଲୋକେଶ, କନିଷ୍ଠ ଯନ୍ତ୍ରୀ ବିଶ୍ୱ ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରୁଛନ୍ତି ଉପଜିଲାପାଳ।

# ଶିକ୍ଷାନୁଷ୍ଠାନର ବାର୍ଷିକ କ୍ରୀଡ଼ା

**ଭଞ୍ଜନଗର,୧୩।୧୨(ଡି.ଏନ.ଏ.)**

ଭଞ୍ଜନଗର ସତ୍ୟସାଇ ବିଦ୍ୟା ବିହାରର ବାର୍ଷିକ କ୍ରୀଡ଼ା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିଲାଗି ଆୟୋଜିତ ସଭାରେ ବିଦ୍ୟାଳୟ ସଭାପତି ବିବେକାନନ୍ଦ ପଟ୍ଟନାୟକ ଅଧକ୍ଷତା କରିଥିଲେ। ସମ୍ପାଦକ ପ୍ରକାଶ ଚନ୍ଦ୍ର ଆଳତିଆ ବିବରଣୀ ପାଠ କରିଥିଲେ। ଅବସରପ୍ରାପ୍ତ ଅଧାପକ ଗଙ୍ଗାଧର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଠପଢ଼ା ସହ କ୍ରୀଡ଼ାର ଆବଶ୍ୟକତା ଥିବା କହିଥିଲେ। ପ୍ରଧାନ ଶିକ୍ଷକ ଗୋକୁଳାନନ୍ଦ ପ୍ରଧାନ ସଭା ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ କ୍ରୀଡ଼ାର କୃତୀ ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ସଭ୍ୟ ସଞ୍ଜୟ କୁମାର ସାମଲ, ସୁନିଲ କୁମାର ପାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।



ମଞ୍ଚାସୀନ ଅତିଥି।

# ବିଜୁ ଯୁବ ବାହିନୀ ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

**ଗୋପାଳପୁର,୧୩।୧୨**

ରାଜ୍ୟ ବିଜୁ ଯୁବ ବାହିନୀର ଡାକରାକ୍ରମେ ରଙ୍ଗେଇଲୁଣ୍ଡା ବ୍ଲକ ବିଜୁ ଯୁବ ବାହିନୀ ସଦସ୍ୟମାନେ ଭୁବନେଶ୍ୱର ଯାଇଥିଲେ। କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ବିଶ୍ୱ ହକି କପ୍ କ୍ରୀଡାର ବୁଧବାର ଅନୁଷ୍ଠିତ ଫ୍ରାନ୍ସ ଓ ଅଷ୍ଟ୍ରେଲିଆ ମ୍ୟାଚକୁ ଉପଭୋଗ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କଳିଙ୍ଗ ଷ୍ଟାଡିୟମରେ ସାକ୍ଷାତ କରିଥିଲେ। ରଙ୍ଗେଇଲୁଣ୍ଡା ବ୍ଲକର ୧୦ ଜଣ ସଦସ୍ୟଙ୍କୁ ଡକାଇ ତିତ୍‌ଲି ମହାବାତ୍ୟାର ଏକ ପୁସ୍ତକ ଓ ମାନପତ୍ର ପ୍ରଦାନ ପୂର୍ବକ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। ସଦସ୍ୟଙ୍କ ମଧ୍ୟରେ ମିଲେନ୍ଦ୍ର ପ୍ରଧାନ, କୃଷ୍ଣଚନ୍ଦ୍ର ବେହେରା, ସଞ୍ଜୟ ବେହେରା, ମହେଶ ନାୟକ, ସନ୍ୟାସୀ ସାହୁ, ବିକ୍ରମ ମହାନ୍ତି, ମହେଶ ନାୟକ ଓ ଅନ୍ୟମାନେ ରହିଛନ୍ତି। ଏହାସହ ବିଡିଓ କୁମାର ନାଗଭୂଷଣ ଏବଂ ବିଜୁ ଯୁବ ବାହିନୀର ସଂଯୋଜକ ଭେଙ୍କେଟ ରାଉଳଙ୍କୁ ଧନ୍ୟବାଦ ଜଣାଇଥିଲେ। ପ୍ରକାଶଯେ, ତିତଲି ବାତ୍ୟାରେ ରଙ୍ଗେଇଲୁଣ୍ଡା ବିଜୁ ଯୁବ ବାହିନୀର ସଦସ୍ୟମାନେ କ୍ଷତିଗ୍ରସ୍ତଙ୍କ ପରିବାରଙ୍କୁ ସ୍ୱେଚ୍ଛାକୃତ ଭାବେ ସହଯୋଗ କରିବା ସହ ରିଲିଫ ବଣ୍ଟନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ ବେଳେ ରଙ୍ଗେଇଲୁଣ୍ଡା ବିଜୁ ଯୁବ ବାହିନୀ ସଦସ୍ୟମାନେ ରିଲିଫ ସାମଗ୍ରୀ ସ୍ୱେଚ୍ଛାକୃତ ଭାବେ ହେଲିକେପ୍ଟରରେ ଲୋଡିଂ କରିବା ସମୟରେ ଦେଖି ଖୁସିବ୍ୟକ୍ତ କରିଥିଲେ।



ବିଜୁ ଯୁବ ବାହିନୀ ସଦସ୍ୟଙ୍କ ସହ ଆଲୋଚନା କରୁଛନ୍ତି ମୁଖ୍ୟମନ୍ତ୍ରୀ।

## ତିତ୍‌ଲି ହିରୋ ମିତାଞ୍ଜଳି ପୁରସ୍କୃତ

**ଛତ୍ରପୁର,(ଡି.ଏନ.ଏ):** ତିତ୍‌ଲି ବାତ୍ୟା ଓ ପରବର୍ତ୍ତୀ ବନ୍ୟାରେ ପ୍ରଭାବିତ ଲୋକଙ୍କୁ ଉଦ୍ଧାର, ଥଇଥାନ ଏବଂ ରିଲିଫ୍ ବଣ୍ଟନରେ ଉଲ୍ଲେଖନୀୟ କାମ କରି ଛତ୍ରପୁର ବ୍ଲକ ଅଗସ୍ତିନୂଆଗାଁ ପଞ୍ଚାୟତର ବିଜୁ ଯୁବ ବାହିନୀର ସଦସ୍ୟା ମିତାଞ୍ଜଳି ଗୌଡ଼ ହିରୋ ହୋଇଛନ୍ତି। ତାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଛନ୍ତି। ମିତାଞ୍ଜଳି ବାତ୍ୟା ଓ ବନ୍ୟାରେ ନିଜ ଜୀବନକୁ ବାଜି ଲଗାଇ ବଡମାଧପୁର ଓ ପୋଙ୍ଗଲାମପୁର ପଞ୍ଚାୟତର ବହୁ ଲୋକଙ୍କୁ ପାଣିଘେରରୁ ଉଦ୍ଧାର କରିଥିଲେ। ସେମାନଙ୍କୁ ସୁରକ୍ଷିତ ସ୍ଥାନକୁ ଆଣି ରନ୍ଧାଖାଦ୍ୟ ଯୋଗାଇଥିଲେ। ଗାଁର ୨୮ ଜଣଙ୍କୁ ପ୍ରଭାବିତ କରି ସ୍ୱେଚ୍ଛାସେବୀ ଭାବେ ନେଇ ଉଦ୍ଧାର, ରିଲିଫ ବଣ୍ଟନ କାର୍ଯ୍ୟ ସୂଚାରୁ ରୂପେ କରିଥିଲେ । ମିତାଞ୍ଜଳିଙ୍କ ପରି ସାହସୀ ତିତ୍‌ଲି ହିରୋ ସମ୍ମାନ ପାଇଁ ଯୋଗ୍ୟ ବୋଲି ପୁରସ୍କାର ପ୍ରଦାନ ବେଳେ ମୁଖ୍ୟମନ୍ତ୍ରୀ କହିଥିଲେ । ଛତ୍ରପୁର ବିଧାୟକ ଡା. ପ୍ରିୟାଂଶୁ ପ୍ରଧାନ, ବ୍ଲକ ଅଧକ୍ଷ ଏମ୍ ଧନଞ୍ଜୟ ରେଡ୍ଡୀ, ବିଡିଓ ସଚ୍ଚିଦାନନ୍ଦ ନାୟକଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଓ ଯୁବ ବାହିନୀର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଓ ମିତାଞ୍ଜଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

Press Regd. No. R.N. 21326/74 Postal Regd. No. BN/42/18-20.
Berhampur, Friday December 14/2018




# କଳାବ୍ୟାଜ ପରିଧାନ କରି ବନ କର୍ମଚାରୀଙ୍କ ଆନ୍ଦୋଳନ

ବୁଗୁଡ଼ା,୧୩।୧୨(ଡି.ଏନ.ଏ.)

ଓଡ଼ିଶା ରାଜ୍ୟ ଅଣଗେଜେଟେଡ ବନସେବା ସଂଘର ଆହ୍ୱାନକ୍ରମେ ସୋମବାରଠାରୁ ବୁଗୁଡ଼ା ବନାଞ୍ଚଳରେ କାମ କରୁଥିବା ବନପାଳ ଓ ବନରକ୍ଷୀ ଆଦି ବନ କର୍ମଚାରୀମାନେ କଳାବ୍ୟାଜ ପରିଧାନ କରି ୬ ଦଫା ଦାବି ପୂରଣ ଲାଗି ଆନ୍ଦୋଳନ ଆରମ୍ଭ କରିଛନ୍ତି । ଏହା ଶନିବାର ଯାଏ ଚାଲିବ । ଦାବି ପୂରଣ ନ ହେଲେ ଆସନ୍ତା ସୋମବାରରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସାମୂହିକ ଛୁଟିରେ ରହି ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟ ଦିବସରେ ଧାରଣା ଦେବେ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଆନ୍ଦୋଳନରେ ବୁଗୁଡ଼ା ବନାଞ୍ଚଳର ବନପାଳ ସୁକାନ୍ତ କୁମାର ପଟ୍ଟନାୟକ, ବଳରାମ ପାତ୍ର, ସୁଶାନ୍ତ କୁମାର ବିଷୋୟୀ, ସରସ୍ୱତୀ ନାୟକ, ଭୋଳେଶ୍ୱର ମଳିକଙ୍କ ସମେତ ବନରକ୍ଷୀ ସାମିଲ ଥିଲେ ।

# ମହିଳାଙ୍କୁ ଅସଦାଚରଣ, ଯୁବକ ଅଟକ

ପୋଲସରା, ୧୩।୧୨ (ଡି.ଏନ.ଏ.)

ପୋଲସରା ଥାନା ଅଞ୍ଚଳରେ ମଙ୍ଗଳବାର ରାତିରେ ଜଣେ ଆଦିବାସୀ ମହିଳାଙ୍କୁ ଅସଦାଚାରଣ କରାଯାଇଥିବା ଥାନାରେ ଗୁରୁବାର ଅଭିଯୋଗ ହୋଇଛି। ପୋଲିସ ନଂ.୨୩୮/୧୮ରେ ମାମଲା ରୁଜୁ କରି ଚିରିକିପଡା ଶାସନ ଗ୍ରାମର ଜଣେ ଯୁବକଙ୍କୁ ଅଟକ ରଖିଛି। ପ୍ରକାଶ ଯେ, ମହିଳା ଜଣକ ଘରେ ଏକୁଟିଆ ଥିବା ସୁଯୋଗ ନେଇ ଯୁବକ ଜଣକ ଭିତରକୁ ଯାଇ ଅସଦାଚରଣ କରିଥିଲେ। ଥାନାଧିକାରୀ ଜିତେନ୍ଦ୍ର କୁମାର ମଲିକ କହିଛନ୍ତି, ମହିଳା ଜଣକ ସେହି ରାତିରେ ଥାନାରେ ଖବର ଦେଇଥିଲେ।










2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ